**ଗ୍ରାମୀଣ କୃଷି ମୌସୁମୀ ସେବା**
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 19-12-2023**

**ଅଙ୍ଗୁଳ(ଓଡିଶା) - :2023-12-19 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2023-12-20 | 2023-12-21 | 2023-12-22 | 2023-12-23 | 2023-12-24 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.1 | 27.2 | 27.0 | 28.0 | 28.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 10.0 | 10.0 | 9.0 | 11.0 | 12.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 51 | 51 | 50 | 66 | 70 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 27 | 24 | 23 | 26 | 29 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 4 | 4 | 5 | 5 |
| ପବନର ଦିଗ (ଡିଗ୍ରୀ) | 169 | 165 | 112 | 112 | 81 |
| ମେଘାଛନ (ଅକ୍ଟା) | 1 | 1 | 3 | 3 | 2 |

## ପାଣିପାଗ ସାରାଂଶ/ସତର୍କ:

ଆସନ୍ତା ପାଞ୍ଚ ଦିନ ମଧ୍ୟ ରେ ଅନୁଗୋଳ ଜିଲ୍ଲା ର ସମସ୍ତ ଅଞ୍ଚଳ ରେ ମ ଆକାଶ ସଫା ରୁ ଆଂଶିକ ମେଘୁଆ ରହିବା ର ସମ୍ଭାବନା ରହିଛି , ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭-୨୮ °C ଏବଂ୯-୧୨ °C ରହିବା ର ସମ୍ଭାବନା ରହିଛି । ପବନ ମୁଖ୍ୟତଃ ୪-୫ କିମି ପ୍ରତି ଘଣ୍ଟା ପୂର୍ବ ରୁ ଦକ୍ଷିଣଦିଗ କୁ ବହିବାର ସମ୍ଭାବନା ରହିଛି ।ସର୍ବାଧିକ ଏବଂ ସର୍ବନିମ୍ନ ଆଦ୍ରତା ଯଥା କ୍ରମେ ୫୧-୭୦ % ଏବଂ୨୩-୨୯% ରହିବା ର ସମ୍ଭାବନା ରହିଛି ।

## ସାଧାରଣ ଉପଦେଶ:

| |
|---|
| ପନିପରିବା ଆଦିର ଚାରା କୁ ସନ୍ଧ୍ୟା ସମୟ ରୁ ନଡା ଏବଂ ଗୁଣ୍ଡ ଗୋବର ଆଦି ପକାଇ ଘୋଡାଇ ଦିଅନ୍ତୁ। ପନିପରିବା ଫସଲ ଆଦି ରେ ମାଟି ଶୁଖିଲା ନ ରଖି ସ୍ୱଳ୍ପ ଏବଂ ବାରମ୍ବାର ଜଳସେଚନ କରନ୍ତୁ। |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ମାଛ ମାନଙ୍କର ବଢିବା ଶୀତ ଦିନ ରେ କମ ହୋଇ ଯାଏ। ଏଥି ପାଇଁ ମାଛ ମାନଙ୍କୁ କମ ଖାଦ୍ୟ ଖାଇବାକୁ ଦିଅନ୍ତୁ। ରଙ୍ଗୀନ ମାଛ ପାଳନ କରିଥିଲେ, କୁଣ୍ଡ ରେ ହିଟର ବ୍ୟବହାର କରନ୍ତୁ। |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଅମଳ ହୋଇଥିବା ଧାନ କୁ ବେଙ୍ଗଳା କରି ଦିଅନ୍ତୁ । ବେଙ୍ଗଳା କରି ସାରିବା ପରେ ଧାନ କୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ, ଖାଦ୍ୟ ଉପଯୋଗୀ ପାଇଁ ଶତକଡା ୧୪ ଭାଗ ଆର୍ଦ୍ରତା ଏବଂ ବିହନ ପାଇଁ ଶତକଡା ୧୨ ଭାଗ ଆର୍ଦ୍ରତା ରେ ସାଇତି ରଖନ୍ତୁ । ମୂଷା ଦାଉରୁ ରକ୍ଷା କରିବା ନିମନ୍ତେ ୯୬ ଗ୍ରାମ ଅଟା, ୨ ଗ୍ରାମ ତେଲ ଏବଂ ୨ ଗ୍ରାମ ଜିଙ୍କ ଫସଫାଇଡ୍ କୁ ମିଶାଇ ୧୦୦ ଗ୍ରାମ ବିଷଥୋପ ତିଆରି କରି ବ୍ୟବହାର କରନ୍ତୁ । ଅଦିନିଆ ବର୍ଷା ଦାଉରୁ ରକ୍ଷା କରିବା ନିମନ୍ତେ ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ ବସ୍ତାରେ ଭର୍ତ୍ତି କରି ସୁରକ୍ଷିତ ସ୍ଥାନରେ ଭଲ ଭାବରେ ଘୋଡାଇ ରଖନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ಮಣಸಿನಾೄಠಿ | ଲଙ୍କା, ଟମାଟୋ, ବାଇଗଣ, କାପସିକମ ଆଦି ଫସଲ ତାପମାତ୍ରା ବହୁତ କମିଲେ କ୍ଷତି (Chilling injury) ହୋଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ ରାତି ରେ ଧଳା ପଲିଥିନ ଯେଉଁ କଣା ନ ଥିବ ତା' ଦ୍ୱାରା ଫସଲ କୁ ରାତି ରେ ଘୋଡାଇ ଦିଅନ୍ତୁ, ଯେପରି ପଲିଥିନ ଗଛ କୁ ଛୁଇଁବ ନାହି। ଏବଂ ସେଇ ପୋଲିଥିନ କୁ ଦିନରେ କାଢି ଦିଅନ୍ତୁ । |
| ଲଙ୍କା | ଲଙ୍କା, ଟମାଟୋ, ବାଇଗଣ, କାପସିକମ ଆଦି ଫସଲ ତାପମାତ୍ରା ବହୁତ କମିଲେ କ୍ଷତି (Chilling injury) ହୋଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ ରାତି ରେ ଧଳା ପଲିଥିନ ଯେଉଁ କଣା ନ ଥିବ ତା' ଦ୍ୱାରା ଫସଲ କୁ ରାତି ରେ ଘୋଡାଇ ଦିଅନ୍ତୁ, ଯେପରି ପଲିଥିନ ଗଛ କୁ ଛୁଇଁବ ନାହି। ଏବଂ ସେଇ ପୋଲିଥିନ କୁ ଦିନରେ କାଢି ଦିଅନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | କୁକୁଡା ଟିଆଁ ପିଛା ୨ ୱାଟ ହିସାବ ରେ ଲାଇଟ ବଲ୍ବ ଲଗାନ୍ତୁ। କୁକୁଡା ମାନଙ୍କୁ ସାଧାରଣ ପାଣି ବଦଳ ରେ ଉଷୁମ ପାଣି ପିଇବାକୁ ଦିଅନ୍ତୁ। |